# ଯୁଦ୍ଧ କ୍ଷେତ୍ର[୧]

(୧)
ମୁଁ ଆଖି ଖୋଲିବା
ବେଳ ଠୁ
ଯୁଦ୍ଧ କ୍ଷେତ୍ରରେ ।।
ଅନ୍ତହୀନ ଏ ଯୁଦ୍ଧକ୍ଷେତ୍ର ।।

ଶରମାନଙ୍କ ଚକ୍ରବ୍ୟୁହରେ
ଧନ୍ଦି ହେଉଥିବା
ମୋ ସ୍ୱପ୍ନ ।।
ତମେ କ'ଣ ଜାଣିନ?
ଲକ୍ଷ୍ୟ ଖାଲି
ଛୁଞ୍ଚି ମୁନର ପୃଥିବୀ ।।

ପ୍ରତି ମୁହୂର୍ତ୍ତ ଉଭେଇ ଯାଉଛି
ମୋ ଦେହର କ୍ଷତ
ଓ ପ୍ରତି ମୁହୂର୍ତ୍ତ ମୋ ଭିତରକୁ
ଧସେଇ ପଶୁଛି
ତମ ବର୍ଛା ମୁନର ଦାଗ ।।

ନା ଜୟ ନା ପରାଜୟ
ଏ ପର୍ଯ୍ୟନ୍ତ
ଟାଣିପାରିଛି ପୃଥିବୀକୁ ।।
ଅଟକାଇ ପାରିଛି ମୋତେ?
ସିଂହାସନର ଅନ୍ଧ ପୁଟୁଳାରେ

ଜନ୍ମ- ଜନ୍ମାନ୍ତର ମୁଁ ଯୁଦ୍ଧ କ୍ଷେତ୍ରରେ
ଭିନ୍ନ ରୂପ, ଭିନ୍ନ ଭୂମିକାରେ ।।

[୧] ସମାରୋହ ପତ୍ରିକାରରେ । ଅଗଷ୍ଟ-୧୯୯୮ ।